## ନାବାଳିକା ଅପହରଣ ଅଭିଯୋଗ, ଯୁବକ ଗିରଫ

ଆର.ଉଦୟଗିରି (ଡି.ଏନ.ଏ.) : ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଗୋଳନ୍ଥରା ଗ୍ରାମର ତରୁଣ କୁମାର ବେହେରା। ଆର.ଉଦୟଗିରି ବ୍ଲକ ଅଞ୍ଚଳରୁ ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ବପା ଗତ ଡିସେମ୍ବର ୮ରେ ସେରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏନେଇ ନଂ. ୬୯/୨୦ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଗତ ଶନିବାର ତଦନ୍ତ ଅଧିକାରୀ ନିଖୋଜ ନାବାଳିକାଙ୍କୁ ଗୋଳନ୍ଥରାରୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ସହଯୋଗୀ ଫେରାର ଅଛନ୍ତି।

### । ପିକ୍‌ନିକ୍ ସ୍ପଟ୍ ।

# ଗଦ୍‌ଗଦା ଜଳପ୍ରପାତ



ପାହାଡ଼ ପର୍ବତ ଘେରା ରାୟଗଡ଼ା ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଝରଣା ଓ ଜଳପ୍ରପାତର ଅଭାବ ନାହିଁ। ହେଲେ ଏଥିମଧ୍ୟରୁ କେତୋଟି ଜିଲା ତଥା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବାବେଳେ ଆଉ କେତେକ ଦୃଷ୍ଟି ଆଢୁଆଳରେ ରହିଛି। ଜିଲାର ପ୍ରମୁଖ ଜଳପ୍ରପାତ ମଧ୍ୟରେ ବିଷମକଟକ ବ୍ଲକ୍ କୁର୍ଲି ପଞ୍ଚାୟତ ତଥା ନିୟମଗିରି ପର୍ବତାଞ୍ଚଳରେ ରହିଥିବା ଗଦ୍‌ଗଦା ଜଳପ୍ରପାତ ଅନ୍ୟତମ।

ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପ୍ରାୟ ୩୦ ରୁ ୪୦ ଫୁଟ ଉଚ୍ଚରୁ ଝରିଆସୁଥିବା ଝରଣା ଏବଂ ଶୈବପୀଠ ଏଠାକାର ପ୍ରମୁଖ ଆକର୍ଷଣ। ଏତଦ୍‌ବ୍ୟତୀତ ଆଦିମ ଜନଜାତି ଡଙ୍ଗରିଆଙ୍କ ଚାଲିଚଳଣି ଓ ନିୟମଗିରି ପର୍ବତର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଏହା ପରିସରରେ ପିକ୍‌ନିକ୍‌ର ମଜା ଉଠାଇବାକୁ ଏଠାରେ ଶୀତଋତୁରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ନିୟମଗିରି ପାହାଡ଼ର ସବୁଜିମାଭରା ଅଙ୍କାବଙ୍କା ରାସ୍ତାଦେଇ ଯିବାବେଳେ ଶୀତର ସ୍ପର୍ଶ ଏବଂ ରାସ୍ତା ପାର୍ଶ୍ୱରେ କଦଳୀ ବଗିଚା, କମଳା, ହଳଦୀ, ଅଦା ବଗିଚାର ଦୃଶ୍ୟ ମଧ୍ୟ ମନକୁ କମ୍ ଛୁଇଁ ନ ଥାଏ। ଚାଟିକଣା ତଥା ନିୟମଗିରି ପାଦଦେଶରେ ରହିଥିବା ଶୈବପୀଠକୁ ଇକୋ ଟୁରିଜମ୍ କରିବା ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫଳକ ଲାଗିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସୁବିଧା କରାଯାଇନାହିଁ। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ବନ ବିଭାଗ ପକ୍ଷରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଇକୋ ଟୁରିଜମ୍ ନିମନ୍ତେ ମଞ୍ଜୁର କରାଯାଇଥିଲା। କିନ୍ତୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ତାହା ହୋଇପାରି ନ ଥିଲା। ଏବେ ବିଷମକଟକ ବ୍ଲକ୍ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ଗଦ୍‌ଗଦା ଜଳପ୍ରପାତ ପରିସରର ଉନ୍ନତୀକରଣ କରାଯାଉଛି। ଏହି ଅଞ୍ଚଳର ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ମତପ୍ରକାଶ ପାଉଛି।

**କେମିତି ଯିବେ**

ରାୟଗଡ଼ା ସହରରୁ ୪୦କି.ମି. ଦୂରତାରେ ରହିଛି ଚାଟିକଣା। ସେଠାରୁ ୨କି.ମି. ପରେ ପଡ଼େ ପ୍ରସିଦ୍ଧ ଶୈବପୀଠ। ସେଠାରୁ ନିୟମଗିରି ପର୍ବତ ଉପରକୁ ଆଉ ୨.୫ କି.ମି. ବାଟ ଗଲେ ରାସ୍ତା ପାର୍ଶ୍ୱରେ ପଡ଼େ ଗଦ୍‌ଗଦା ଜଳପ୍ରପାତ।

**– ରିପୋର୍ଟ: ବିଭୂତି ଭୂଷଣ ନାୟକ, ବିଷମକଟକ, ରାୟଗଡ଼ା**

# କରୋନା ଭଳି ଜିଲାରୁ ଦୂର ହେବ ଯକ୍ଷ୍ମା

ବ୍ରହ୍ମପୁର ଅଫିସ,୧୮।୧

୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମା ରୋଗରୁ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଏକ ପରିକଳ୍ପନା କରିଛନ୍ତି। ଏହି ଧାରାରେ ଗଞ୍ଜାମ ଜିଲାରୁ ଯକ୍ଷ୍ମା ମୂଳପୋଛ କରିବା ପାଇଁ ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଜିଲାକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ଜନସାଧାରଣ ଓ ଖବରଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଗତ ଦିନରେ କରୋନା ଜିଲାର ହଟ୍‌ସ୍ପଟ ଥିବା ବେଳେ ତାହାର ଯେଉଁଭଳି ମୂଳପୋଛ କରାଯାଇଥିଲା, ସେହିଭଳି ଯକ୍ଷ୍ମାକୁ ମଧ୍ୟ ଜିଲାରୁ ମୂଳପୋଛ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହାର ନିରାକରଣ ନିମନ୍ତେ କେବଳ ଜିଲା ସ୍ୱାସ୍ଥ୍ୟ ବିଭାଗ ନୁହେଁ ବରଂ ସମାଜର ସମସ୍ତ ବର୍ଗ ଯଦି ସଚେତନ ହୁଅନ୍ତି ତେବେ ଆଗାମୀ ଦିନରେ ଯକ୍ଷ୍ମା ହାରିବ ଓ ଗଞ୍ଜାମ ଜିତିବ ବୋଲି ଜିଲାପାଳ କୁଲାଙ୍ଗେ ଆହ୍ୱାନ ଦେଇଥିଲେ। ଜିଲାରେ ଚିହ୍ନଟ ହୋଇଥିବା ଯକ୍ଷ୍ମା ରୋଗୀଙ୍କୁ ପ୍ରଥମ ଦିନଠାରୁ ୬ମାସ ପର୍ଯ୍ୟନ୍ତ ଲଗାତର ଭାବେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ଡାକ୍ତର ରୋଗୀମାନଙ୍କୁ ଟ୍ରାକିଂ କରିବା ସହ ସେମାନଙ୍କୁ ଔଷଧ ଖାଇବାକୁ ପରାମର୍ଶ ଦେବେ। ସେହିଭଳି ସାମାଜିକ ଗଣମାଧ୍ୟମ ଓ ସିନେମା ହଲ୍ ଜରିଆରେ ଏହି ରୋଗର ସଚେତନ ନିମନ୍ତେ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମା ଶଙ୍କର ମିଶ୍ର ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ଯକ୍ଷ୍ମା ରୋଗର ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଚିକିତ୍ସା ଓ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପ୍ରାରମ୍ଭରେ ଏକ ସଚେତନତା ରଥ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁଭାରମ୍ଭ ହୋଇଛି। ଏହାକୁ ଜିଲାପାଳ କୁଲାଙ୍ଗେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲାର ୨୨ ବ୍ଲକ ବୁଲିବା ସହ ଲୋକଙ୍କୁ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନ କରିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ଅବନୀ କୁମାର ପାତ୍ରଙ୍କ ସମେତ ଡିପିଏମ୍, ଏନ୍‌ଏଚ୍‌ଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଗୀତମୟ ପଟ୍ଟନାୟକ (ଏମ୍‌ଓ, ଡିଟିସି), ହେମନ୍ତ କୁମାର ଦାସ (ଡିପିଏମ୍, ଡିଏପିସିୟୁ), ବିଦେଶୀ ଜେନା, (ଡିପିସି, ଏନଟିଇପ୍) ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

## ବଳାତ୍କାରୀ ଛାତ୍ରଙ୍କୁ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୮।୧

ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଫୁଲବାଣୀରୁ ଗିରଫ କରିଛି। ସେ ହେଲେ ମଧୁସୂଦନ ରଣସିଙ୍ଗା (୨୧)। ତାଙ୍କ ଘର କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କଳିଙ୍ଗା। ସେ ବ୍ରହ୍ମପୁରର ଏକ କଲେଜର ଯୁକ୍ତ ୩ ଛାତ୍ର ବୋଲି ପୋଲିସ କହିଛି। ମାମଲା ନଂ.୩୧୮/୨୦ରେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମଧୁସୂଦନ ବ୍ରହ୍ମପୁର ଗେଟବଜାର ମୁକ୍ତିପଥ ସାହିରେ ଘର ଭଡାନେଇ ରହି ପାଠ ପଢୁଥିଲେ। ସଦର ଥାନା ଇଲାକାରେ ରହୁଥିବା ଜଣେ ମହିଳାଙ୍କୁ ସେ ବଳାତ୍କାର କରିଥିଲେ। ଏପରିକି ଥାନାରେ ଏନେଇ ଖବର ନ ଦେବାକୁ ମହିଳାଙ୍କୁ ସେ ଧମକ ଦେଇଥିଲେ। ମହିଳା ଜଣଙ୍କ ଏନେଇ ଗତ ଡ଼ିସେମ୍ବର ୨୩ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଘଟଣା ପରେ ଫେରାର ଥିବା ମଧୁସୂଦନଙ୍କୁ ଗିରଫ କରିଥିବା କହିଛି।

# ଅମାନିଆଙ୍କୁ ଗୋଲାପ ଫୁଲ ଦେଇ ସଚେତନତା

**ସଡ଼କ ସୁରକ୍ଷା ଅଭିଯାନ**

ବ୍ରହ୍ମପୁର ଅଫିସ,୧୮।୧

ନୂତନ ଟ୍ରାଫିକ ନିୟମ ଓ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ଜନସାଧାରଣଙ୍କୁ ସଚେତନ କରିଛି ବ୍ରହ୍ମପୁର ଟ୍ରାଫିକ୍ ପୋଲିସ। ସୋମବାର କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଛି ଚଳିତ ଥରର ମାସିକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ। ପ୍ରଥମ ଦିନ ବ୍ରହ୍ମପୁର ଟ୍ରାଫିକ୍ ପୋଲିସ ସ୍ଥାନୀୟ ଟାଟାବେଞ୍ଚ ଛକରୁ ଆରମ୍ଭ କରିଛି ସଚେତନତା କାର୍ଯ୍ୟକ୍ରମ। ସହରର ବିଭିନ୍ନ ଛକରେ ଟ୍ରାଫିକ୍ ପୋଲିସ, ପରିବହନ ଅଧିକାରୀ ଏବଂ ଛାତ୍ରୀଛାତ୍ରମାନେ ସଡକ ସୁରକ୍ଷା ଓ ଜୀବନ ରକ୍ଷା ବାର୍ତ୍ତା ନେଇ ଗାଡିଚାଳକଙ୍କ ସମେତ ସେହି ରାସ୍ତାଦେଇ ଯାତାୟାତ କରୁଥିବା ଲୋକଙ୍କୁ ହେଲମେଟ୍ ପିନ୍ଧିବା, ମାସ୍କ ବ୍ୟବହାର କରିବା, ବାଇକ୍‌ରେ ୨ ଜଣରୁ ଅଧିକ ନ ବସିବା ଏବଂ ଗାଡି ଚଳାଇବା ବେଳେ ଫୋନ ବ୍ୟବହାର ଓ ନିଶାସେବନ ନ କରିବା ପାଇଁ ସଚେତନ କରିଥିଲେ। ସେହିପରି ୪ ଚକିଆ ଓ ତଦୂର୍ଦ୍ଧ୍ୱ ଯାନ ଚଳାଉଥିବା ଡ୍ରାଇଭରମାନଙ୍କୁ ସେଫ୍ଟିବେଲ୍ଟ ପିନ୍ଧିବା ପାଇଁ ସଚେତନ ସହ ନିରାପଦ ଗାଡି ଚାଳନା ଲାଗି ବାର୍ତ୍ତା ଦେଇଥିଲେ। ଯେଉଁ ଚାଳକମାନେ ହେଲମେଟ ପିନ୍ଧି ନ ଥିଲେ ଏବଂ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଇଥିଲେ ଟ୍ରାଫିକ୍ ଡିଏସ୍‌ପି ବିମଳକାନ୍ତ ନାୟକ। ସୋମବାରଠାରୁ ଜାତୀୟ ରାଜପଥ ସହ ସହର ଭିତରେ ସଚେତନତା ଓ ଟ୍ରାଫିକ୍ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି କହିଛନ୍ତି ଜିଲା ପରିବହନ ଅଧିକାରୀ ବିକାଶ ଚୌଧୁରୀ। ଏହି ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ଟ୍ରାଫିକ ଥାନାଧିକାରୀ ସୁନୀଲ କୁମାର ବେହେରା,ଏସ୍‌ଆଇ ଗୁଣନିଧି ମଲ୍ଲିକ, ଏଏସ୍‌ଆଇ ନରସିଂହ ପାଣିଙ୍କ ସମେତ ବହୁ ଟ୍ରାଫିକପୋଲିସକର୍ମଚାରୀଉପସ୍ଥିତଥିଲେ।



ହେଲ୍‌ମେଟ ପିନ୍ଧି ନ ଥିବା ଜଣେ ସ୍କୁଟି ଚାଳକଙ୍କୁ ଗୋଲାପ ଦିଆଯାଉଛି।

## ଦୁଇ ଅଜଗର ଉଦ୍ଧାର

ଗୋପାଳପୁର,୧୮।୧–

ରଙ୍ଗେଇଲୁଣ୍ଡା ବ୍ଲକ ପଲ୍ଲୀଗୁମୁଳା ଗ୍ରାମ ନିକଟରୁ ରବିବାର ରାତିରେ ଦୁଇଟି ଅଜଗର ସାପ ଉଦ୍ଧାର କରାଯାଇଛି। ପଲ୍ଲୀଗୁମୁଳା ଗ୍ରାମ ନୂଆବନ୍ଧର ଉନ୍ନତୀକରଣ କାର୍ଯ୍ୟ ଲାଗି ରାତିରେ କାମ ଚାଲିଥିବା ବେଳେ ଦୁଇଟି ଅଜଗର ଜେସିବି ମେଶିନ ଭିତରେ ପଶିଯାଇଥିଲେ। ଏ ନେଇ ସ୍ନେକ୍ ହେଲପ୍ ଲାଇନକୁ ଖବର ଦିଆଯାଇଥିଲା। ସ୍ନେକ୍ ହେଲପ୍ ଲାଇନ କର୍ମକର୍ତ୍ତା ପହଞ୍ଚି ବହୁ ଉଦ୍ୟମ ପରେ ୧୧ ଓ ୭ ଫୁଟ ଲମ୍ବର ଦୁଇଟି ଅଜଗର ଉଦ୍ଧାର କରି ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ସୋମବାର ଅଜଗର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଟାମଣା ଜଙ୍ଗଲରେ ଛଡ଼ାଯାଇଥିବା ରେଞ୍ଜ ଅଫିସର ଦିଲ୍ଲୀପ କୁମାର ମାର୍ଥା କହିଛନ୍ତି।

**ସଂକ୍ଷେପରେ**

## ପିସିସି ସଭାପତିଙ୍କ ଆକ୍ରମଣକାରୀଙ୍କୁ ଗିରଫ ଦାବି

ବ୍ରହ୍ମପୁର ଅଫିସ୍,୧୮।୧-ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗାଡ଼ି ଉପରେ ଆକ୍ରମଣ ଏବଂ ତାଙ୍କ ଡ୍ରାଇଭର ଓ ପିଏସ୍‌ଓଙ୍କୁ ମାଡ଼ ମାରିବା ଘଟଣାର ନିନ୍ଦାକରି ଗଞ୍ଜାମ ଜିଲା କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ଆକ୍ରମଣକାରୀଙ୍କୁ ଗିରଫ ଦାବି କରାଯାଇଛି। ଏ ନେଇ ସୋମବାର ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ତ୍ୱରିତ୍ ପଦକ୍ଷେପ ନିଆ ନ ଗଲେ ପ୍ରତିବାଦରେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଯୁବ କଂଗ୍ରେସ ଚେତାବନୀ ଦେଇଛି। ଏଥିରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଧର୍ମାରାଜ୍ ରେଡ୍ଡୀଙ୍କ ସମେତ ଚିନ୍ମୟ କୁମାର ହୋତା, ପ୍ରମିତ ରଞ୍ଜନ ମହାପାତ୍ର, ଦେବାଶିଷ ମହାନ୍ତି, ସୁପ୍ରଭା କୁମାରୀ ଦାଶ, ସିଦ୍ଧାନ୍ତ ସାହୁ ଓ ଧୀରେନ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟାରେ ସ୍ଥାୟୀ ନିଯୁକ୍ତି ଦାବି ନେଇ ଧାରଣା

ଛତ୍ରପୁର,୧୮।୧(ଡିଏନଏ)- ଟାଟା ପ୍ରକଳ୍ପ ପାଇଁ ବିସ୍ଥାପିତ ପରିବାରକୁ ୭ ଲକ୍ଷ ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା। ଟଙ୍କା ନ ନେଲେ ପରିବାର ସଦସ୍ୟଙ୍କୁ ଟାଟା ପ୍ରକଳ୍ପରେ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ତେବେ ବିସ୍ଥାପିତ ଟଙ୍କା ନ ନେଇ ନ ଥିବା ବେଳେ ପରିବାର ସଦସ୍ୟଙ୍କୁ ଚାକିରି ଦେବା ପାଇଁ ପଦକ୍ଷେପ ନିଆଯାଇନି। ସୋମବାର ଟାଟା ପ୍ରକଳ୍ପରେ ସ୍ଥାନୀୟ ନିଯୁକ୍ତି ଦାବି ନେଇ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିବସେନା ଟାଟା ଯୁବସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା ପୂର୍ବରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସାତ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଓଡ଼ିଶା ଡେଭଲପ୍‌ମେଣ୍ଟ ଫୋରମ୍‌ର ମାନବ ଶୃଙ୍ଖଳ




ମାନବ ଶୃଙ୍ଖଳ କାର୍ଯ୍ୟରେ ଉପସ୍ଥିତ କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ୍,୧୮।୧

■ବ୍ରହ୍ମପୁର ବିମାନ ବନ୍ଦର ପ୍ରତିଷ୍ଠା ଦାବି
■ଉପଜିଲାପାଳଙ୍କୁ ସ୍ମାରକପତ୍ର

ବ୍ରହ୍ମପୁରରେ ଗ୍ରୀନ୍ ଫିଲ୍ଡ ଡୋମେଷ୍ଟିକ୍ ଓ କାର୍ଗୋ ବିମାନ ବନ୍ଦର ପ୍ରତିଷ୍ଠା ଦାବିରେ ଓଡ଼ିଶା ଡେଭଲପ୍‌ମେଣ୍ଟ ଫୋରମ୍ ପକ୍ଷରୁ ସୋମବାର ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ, କୋର୍ଟପେଟା ଛକ ଓ କମାପଲୀ ଯାଏ ଏହି ମାନବ ଶୃଙ୍ଖଳ କରାଯାଇଥିଲା। ଏଥିରେ ଡେଭଲପ୍‌ମେଣ୍ଟ ଫୋରମ୍ ଓ ଗଞ୍ଜାମ ଜିଲାର ଶତାଧିକ ସଂଗଠନ ସହ ଶତାଧିକ ଜନତା ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ପରେ ଫୋରମ୍ ପକ୍ଷରୁ ବ୍ରହ୍ମପୁର ଉପଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ବ୍ରହ୍ମପୁରରେ ବିମାନ ବନ୍ଦର ଓ ଶିଳ୍ପ ପ୍ରତିଷ୍ଠାକୁ ତ୍ୱରାନ୍ୱିତ ଓ ସରକାରୀ ଅବହେଳାରୁ ଜିଲାକୁ ମୁକ୍ତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ଫୋରମ୍ ପକ୍ଷରୁ କୁହାଯାଇଛି। ଏଥିରେ ଫୋରମ୍ ସଭାପତି ରାମ ପ୍ରସାଦ ତ୍ରିପାଠୀ, ଉପସଭାପତି ବବିତା ପାତ୍ରଙ୍କ ସମେତ ମାନସ ପାତ୍ର, ଏ. ସୋମେଶ ବାବୁ, ମଧୁସୂଦନ ସାହୁ, କାର୍ତ୍ତିକ ନାରାୟଣ ସ୍ୱାଇଁ ଓ ବିରଞ୍ଚି ନାରାୟଣ ସାହୁଙ୍କ ସମେତ ଅନ୍ୟାନ୍ୟ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବ୍ଲକ ଘେରିଲା ଅଖିଳ ଭାରତ କୃଷକ ସଭା

ଛତ୍ରପୁର,୧୮।୧(ଡି.ଏନ୍.ଏ.)

୩ କୃଷି ଆଇନ୍ ପ୍ରତ୍ୟାହାର ଓ ଧାନ ବିକ୍ରି ସମସ୍ୟା ସମାଧାନ ଦାବି ନେଇ ସୋମବାର ଅଖିଳ ଭାରତ କୃଷକ ସଭା ପକ୍ଷରୁ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଚାଷୀ ଧାନ ଅମଳ କରି ଖଳାରେ ପକାଇ ରଖିଥିଲେ ମଧ୍ୟ ବିକ୍ରି ପାଇଁ ଟୋକନ୍ ଦେବାରେ ବିଳମ୍ବ କରାଯାଉଛି। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସମସ୍ତ ଚାଷୀ ଓ ଭାଗଚାଷୀଙ୍କ ଠାରୁ ଧାନକିଣିବା ସହ ପଞ୍ଜୀକୃତ ହୋଇ ନ ଥିବା ଚାଷୀ ଓ ଭାଗ ଚାଷୀଙ୍କୁ ପଞ୍ଜୀକୃତ କରାଇ ଧାନ କ୍ରୟ ଆଦି ଦାବି ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେହିପରି ୩ କୃଷି ଆଇନ୍ ପ୍ରତ୍ୟାହାର ଦାବି ନେଇ ଅଖିଳ ଭାରତ କୃଷକ ସଭା ପକ୍ଷରୁ ବ୍ଲକ ଅଫିସ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପରେ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

# ଜିଲାରେ ଦ୍ୱିତୀୟ ଦିନରେ ଟିକା ନେଲେ ୨୬୯୦

ବ୍ରହ୍ମପୁର ଅଫିସ,୧୮।୧

କରୋନା ଟିକାକରଣରେ ଗଞ୍ଜାମ ଜିଲାରେ ପ୍ରଥମ ଦିନ ୧୦୦୪ ସ୍ୱାସ୍ଥ୍ୟକର୍ମୀ ଟିକା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ସାନିଟାରୀ କର୍ମଚାରୀ, ସିକ୍ୟୁରିଟି କର୍ମଚାରୀ ଥିଲେ। ରବିବାର ଏହା ବନ୍ଦ ରହିଥିଲା। ସୋମବାର ଦ୍ୱିତୀୟ ଦିନରେ ଜିଲାର ୨୨ ବ୍ଲକ ସମେତ ମହାନଗର ନିଗମରେ ଏପରି ଅନୁଷ୍ଠିତ ହୋଇଥିବା ମୋଟ ୩୪ ସେଣ୍ଟରରେ ୨୬୯୦ ଜଣ ଟିକା ଗ୍ରହଣ କରିଛନ୍ତି ବୋଲି ସିଡ଼ିଏମ୍‌ଓ ଉମା ଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ଜିଲାର ନଗର ଚିକିତ୍ସାଳୟରେ ଗୋଟିଏ କେନ୍ଦ୍ର ରହିଥିବା ବେଳେ ଏମ୍‌କେସିଜି ମେଡିକାଲରେ ୬ କେନ୍ଦ୍ର, ଖ୍ରୀଷ୍ଟିୟାନ ହସ୍ପିଟାଲରେ ଗୋଟିଏ, ଏମ୍‌କେସିଜି ମେଡିକାଲରେ ୬, ଭଞ୍ଜନଗର, ଆସ୍କା ଓ ଛତ୍ରପୁରରେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଗୋଟିଏ ଲେଖାଏ ୩ କେନ୍ଦ୍ର, ଜିଲାରେ ଥିବା ୨୨ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏ କେନ୍ଦ୍ର ଓ ବ୍ରହ୍ମପୁର ଆସିକା ରୋଡରେ ଥିବା ସହରାଞ୍ଚଳ ପ୍ରାଥମିକ କେନ୍ଦ୍ରରେ ଗୋଟିଏ ସେଣ୍ଟର ଏଭଳି ୩୪ କେନ୍ଦ୍ରରେ ସୋମବାର ଟିକାକରଣ ଅନୁଷ୍ଠିତ ହୋଇଛି। ଜିଲାରେ ୫ ପର୍ଯ୍ୟାୟରେ ୧୩୮୩୭ ଟିକାକରଣ କରାଯିବାକୁ ଥିବା ବେଳେ ସୋମବାର ୨୬୯୦ ଜଣଙ୍କୁ ଦିଆ ହୋଇଛି। ଜିଲାକୁ ମୋଟ ୧୬୮୦୦ କୋଭିଶିଲ୍ଡ ଟିକା ଆସିଥିବା ବେଳେ ସେଥିରୁ ୧୯୫୯ ନଷ୍ଟ ହୋଇଯାଇଛି। ପ୍ରଥମ ଦିନ ୧୦୦୪ ଜଣ ଏହି ଟିକା ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ଦିନରେ ୨୬୯୦ଜଣ ନେଇଛନ୍ତି। ବଳକା ଥିବା ୧୧,୧୪୭ ଟିକାକୁ ଆସନ୍ତା ୧୯, ୨୧, ୨୨ ଓ ୨୫ ତାରିଖରେ ଦିଆଯିବ।

# ନୂଆ କୃଷି ଆଇନ ପ୍ରତ୍ୟାହାର ଦାବି ନେଇ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୮।୧

**ମହିଳା କୃଷକ ଦିବସ ପାଳିତ**

ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଅଖିଳ ଭାରତ କିଶାନ ସଂଘର୍ଷ ସମନ୍ୱୟ କମିଟି ମିଳିତ ଆନୁକୂଲ୍ୟରେ ସୋମବାର ବ୍ରହ୍ମପୁରରେ ମହିଳା କୃଷକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ନୂଆ କୃଷି ଆଇନ ଅବିଳମ୍ବେ ପ୍ରତ୍ୟାହାର ଦାବି ନେଇ କମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ହୋଇଥିଲା। ମହିଳାଚାଷୀ ଜାନୁ ରେଡ୍ଡୀ, ମଦନା ମଣ୍ଡଳ, ଜି. ସରସ୍ୱତୀ, ଝୁନୁ ମଣ୍ଡଳ, କୁନି ପାତ୍ର ଓ ସନ୍ତୋଷୀ ରେଡ୍ଡୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଦୀର୍ଘଦିନ ଧରି ଦିଲ୍ଲୀରେ ଚାଲିଥିବା ବୃହତ୍ କୃଷକ ଆନ୍ଦୋଳନର ସନ୍ତୋଷଜନକ ସମାଧାନରେ ମୋଦି ସରକାରଙ୍କ ବିଫଳତାର ସମାଲୋଚନା କରାଯାଇଥିଲା। ୩ କୃଷକ ଆଇନ ପ୍ରତ୍ୟାହାର କରିବାକୁ ମହିଳା ଚାଷୀ ସଂଗଠନର ନେତ୍ରୀମାନେ ଦାବି କରିଥିଲେ। ବିକ୍ଷୋଭ ସମାବେଶରେ ସିପିଏମ୍ ନେତା ଯୁଧିଷ୍ଠିର ବେହେରା, ଶିବ ମହାପାତ୍ର ଏବଂ କୃଷକ ସଭା ଗଞ୍ଜାମ ଜିଲା କମିଟି ଯୁଗ୍ମ ସମ୍ପାଦକ ବସନ୍ତ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଦିଲ୍ଲୀ କୃଷକ ଆନ୍ଦୋଳନ ପରିପ୍ରେକ୍ଷୀରେ ୬୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜୀବନ ଯାଇଥିବା ସତ୍ତ୍ୱେ ଆଇନ ପ୍ରତ୍ୟାହାର ପାଇଁ ପଦକ୍ଷେପ ନିଆଯାଇ ନ ଥିବାରୁ ମୋଦି ସରକାରଙ୍କ ଚାଷୀ ମାରଣ ନୀତିକୁ ପ୍ରମାଣିତ କରିଥିବା ଅଭିଯୋଗ କରାଯାଇଥିଲା।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସୋରଡ଼ା,୧୮।୧(ଡି.ଏନ୍.ଏ.)

ସୋରଡା ରଷିକୁଲ୍ୟା ମିନି ଷ୍ଟାଡିୟମରେ ସୋମବାର ଜିଲାସ୍ତରୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ ଯୋଗଦେଇଥିବା ବେଳେ ଆଇଆଇସି ରମେଶ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଲକ୍ଷ୍ମୀଚରଣ ପଣ୍ଡା, ବଦ୍ରିନାରାୟଣ ପାତ୍ର, ସଞ୍ଜୀବ ଅଧିକାରୀ ମଞ୍ଚାସୀନ ଥିଲେ। ପ୍ରଥମ ଦିନରେ ଚେରମରିଆ ଟିମ୍ ସହ ଆର୍‌ସିସି ଜୁନିୟର ମଧ୍ୟରେ ଖେଳ ହୋଇଥିଲା। ଆରସିସି ଜୁନିୟର ପ୍ରଥମ ବ୍ୟାଟିଂ ୨୦ ଓଭରରେ ୧୬୬ ରନ କରିଥିଲା। ଜବାବରେ ଚେରମରିଆ ଟିମ୍ ୮ ଉଇକେଟରେ ଏହି ରନ୍ କରି ବିଜୟୀ ହୋଇଥିଲା। କ୍ଲବ ସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ରଜନୀ ମହାପାତ୍ର, କୋଷାଧ୍ୟକ୍ଷ ମନୋଜ ମହାପାତ୍ର ଖେଳ ପରିଚାଳନା କରିଥିଲେ।

# ସାହାରା ଇଣ୍ଡିଆ ଏଜେଣ୍ଟ, ଜମାକାରୀଙ୍କ ଧାରଣା



ବ୍ରହ୍ମପୁର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

ବ୍ରହ୍ମପୁର ଅଫିସ୍,୧୮।୧

ସାହାରା ଇଣ୍ଡିଆ ଜମାକାରୀଙ୍କ ରାଶି ମାଚ୍ୟୁରିଟି ଦେବା ଦାବିରେ ସୋମବାର ଏଜେଣ୍ଟ ଓ ଜମାକାରୀମାନେ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଜମାକାରୀଙ୍କୁ ସୁଧ ସହ ମାଚ୍ୟୁରିଟି ପ୍ରଦାନ, କୌଣସି ପରିସ୍ଥିତିରେ ରି-ଇନ୍‌ଭେଷ୍ଟମେଣ୍ଟ ନିମନ୍ତେ ବାଧ ନ କରିବା, ମୃତ୍ୟୁ ହେଲେ ନୋମିନିଙ୍କୁ ଯଥାଶୀଘ୍ର ମାଚ୍ୟୁରିଟିରେ ସମାଧାନ ପାଇଁ ସରକାର ରୋକ୍ ଲଗାଇବାକୁ ଏଜେଣ୍ଟ ଓ ଜମାକାରୀ ଦାବି କରିଛନ୍ତି। ଉପରୋକ୍ତ ଦାବି ସମୂହକୁ ନେଇ ଏଜେଣ୍ଟ ଓ ଜମାକାରୀଙ୍କ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟପଟେ ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଅବ୍ୟାହତ ରହିବ ବୋଲି ଏଜେଣ୍ଟ ଓ ଜମାକାରୀମାନେ କହିଛନ୍ତି। ଏଥିରେ ବିଜୟ କୁମାର ପାଢୀ, ସଞ୍ଜୀବ କୁମାର ପଣ୍ଡା, ଚିଉ ରଞ୍ଜନ ପାଢୀ, ପ୍ରକାଶ ଚନ୍ଦ୍ର ପାଢୀ ଓ କୈଳାସ ଚନ୍ଦ୍ର ନାୟକଙ୍କ ସମେତ ବହୁ ଏଜେଣ୍ଟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚାକିରି ଦେବା ନାଁରେ ଠକେଇ, ଜଣେ ଗିରଫ

ବ୍ରହ୍ମପୁର ଅଫିସ, :ଚାକିରି ଦେବା କହି ଟଙ୍କା ଠକେଇ ଘଟଣାରେ ବୈଦ୍ୟନାଥପୁର ଥାନା ପୋଲିସ ଏକ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟିଙ୍କୁ ଗିରଫ କରିଛି। ସେ ହେଲେ ଛତ୍ରପୁର ଥାନା ମୁନିଷିପେଣ୍ଟର ସନ୍ତୋଷ କୁମାର ବିଶ୍ୱାଳ ବୋଲି ଏଏସ୍‌ପି ପ୍ରଭାତ ରାଉତରାୟ କହିଛନ୍ତି। ସନ୍ତୋଷ ବର୍ତ୍ତମାନ ଭୁବନେଶ୍ୱର ସୁନ୍ଦରପଦାର ଏକ ଆପାର୍ଟମେଣ୍ଟରେ ରହୁଛନ୍ତି। ସେ ବ୍ରହ୍ମପୁର ଅନନ୍ତନଗରରେ ଇଣ୍ଡିଆ ହେଲ୍ପ ଲାଇନ୍ ଚାରିଏଟେବଲ୍ ଟ୍ରଷ୍ଟ ନାମରେ ଏକ ସଂସ୍ଥା କରିଛନ୍ତି। ସନ୍ତୋଷ ନିଜକୁ ସଂସ୍ଥାର ମ୍ୟାନେଜିଂ ଟ୍ରଷ୍ଟି ବୋଲି ପରିଚୟ ଦେଉଥିଲେ। ବେକାର ଯୁବତୀଯୁବକଙ୍କୁ ଚାକିରି ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସେ ୨୦୧୪ରୁ ୨୦୧୫ମଧ୍ୟରେ ବହୁ ଯୁବତୀ ଯୁବକଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ଚାକିରି କି ଟଙ୍କା ନମିଳିବାରୁ ଠକେଇର ଶିକାର ଯୁବତୀଯୁବକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

# ଡିଏଲ୍ ପାଇଁ ଟେଷ୍ଟ କଡ଼ାକଡ଼ି ନିର୍ଦ୍ଦେଶ

**ଜରିମାନା ସହ ହେଲ୍‌ମେଟ୍ କିଣିବା ବାଧ୍ୟତାମୂଳକ**

**ଛତ୍ରପୁର,୧୮।୧(ଡି.ଏନ୍.ଏ.)**

ଛତ୍ରପୁରସ୍ଥିତ ଗଞ୍ଜାମ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ ସୋମବାର ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଆରମ୍ଭ ହୋଇଛି । ଏହି ଅବସରରେ ଛତ୍ରପୁର ମିନି ଷ୍ଟାଡିୟମ ପରିସରରେ ଦୁଇଟି ରଥ ସଡ଼କ ପରିବହନ ଏବଂ ସଡ଼କ ସୁରକ୍ଷା ସଚେତନତା ରଥକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାସାରା ବୁଲି ଲୋକଙ୍କୁ ସଡକ ସୁରକ୍ଷା ନେଇ ସଚେତନ କରାଇବ । ଦେଶରେ ଅଧିକାଂଶ ଦୁର୍ଘଟଣା ବେଆଇନ ଗାଡି ଚାଳନା ଯୋଗୁ ହେଉଛି। ଆମେରିକା ଓ ୟୁରୋପରେ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ପ୍ରଦାନ ପୂର୍ବରୁ କଡାକଡି ଟେଷ୍ଟ କରାଯାଇଥାଏ। ସେହିଭଳି ଗଞ୍ଜାମ ଜିଲାରେ ମଧ ଡିଏଲ୍ ପ୍ରଦାନ ବେଳେ କଡାକଡି ଟେଷ୍ଟ କରିବାକୁ ଆରଟିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କିପରି ଦୁର୍ଘଟଣା କମ୍ ହେବ ସେ ନେଇ ଆରଟିଓ ଓ ପୋଲିସ ବିଭାଗ ପକ୍ଷରୁ ବିଭିନ୍ନ ଛକରେ ଗାଡି ଚେକିଂକୁ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଯେଉଁମାନେ ହେଲମେଟ ପିନ୍ଧୁନାହାନ୍ତି, ତାଙ୍କ ଉପରେ ଜରିମାନା ପକାଇବା ସହ ଗାଡି ଚାଳକଙ୍କୁ ମଧ ଗୋଟିଏ ହେଲମେଟ୍ ପ୍ରଦାନ ବାଧତାମୂଳକ ରହିଛି । ଉକ୍ତ ହେଲମେଟ୍‌ର ଦାମ ଚାଳକଙ୍କୁ ଦେବାକୁ ପଡିବ ବୋଲି ଜିଲାପାଳ କହିଥିଲେ । ଏହି ଅବସରରେ ଏକ ସଚେତନତା ରାଲି ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଗଞ୍ଜାମ ଆରଟିଓ ବିକାଶ ଚୌଧୁରୀ, ଅତିରିକ୍ତ ଏସପି ବିଜୟ କୁମାର ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା,ଏମଭିଆଇ ଶିବ ଶଙ୍କର ଚୌଧୁରୀ, ଜୁନିୟର ଏମଭିଆଇ ପ୍ରତାପ ବେହେରା,ଟ୍ରାଫିକ ଇନ୍ସପେକ୍ଟର ଏନ.କେ. ଚିନେରା, ଆଡିଶନାଲ ଆରଟିଓ କେ.ଭେଙ୍କଟେସ,ଏସଡିପିଓ ଗୌତମ କିଷାନ, ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ, ବସନ୍ତ କୁମାର ତରେଇ, ଅଜୟ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲାରେ ଗତବର୍ଷ ୬୧୬ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୩୬୩ ଜଣଙ୍କ ଜୀବନ ଯାଇଛି। ୩୫୬ଜଣ ଗୁରୁତର ଆହତ ହୋଇଛନ୍ତି।



ଫୁଲବାଣୀରେ ଜିଲାପାଳ ଏବଂ ଏସ୍‌ପି ପତାକା ଦେଖାଇ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

## ସଚେତନ ନ ହେଲେ ମୃତ୍ୟୁ ମୁଖରେ ପଡ଼ିବା

**ଫୁଲବାଣୀ ଅଫିସ, ୧୮।୧**

ଚଳିତ ବର୍ଷ ସଡ଼କ ସୁରକ୍ଷା ସପ୍ତାହ ପରିବର୍ତ୍ତେ ସଡକ ସୁରକ୍ଷା ମାସ ପାଳନ କରାଯିବାକୁ ନିଷ୍ପତି ହୋଇଛି। ସୋମବାର କନ୍ଧମାଳ ଜିଲା ଫୁଲବାଣୀରେ ଏହି ଉପଲକ୍ଷେ ସାଇକ୍ଲୋଥନ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିଲା। ଜିଲାପାଳ ଡା.ବୃନ୍ଦା ଡି, ଏସ୍‌ପି ଭିନୀତ ଅଗ୍ରୱାଲ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଯୁବତୀ ଯୁବକ, ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇ ଲୋକଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ । ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚାଳକମାନଙ୍କୁ ସଡକ ସୁରକ୍ଷା ଦିଗରେ ହେଲମେଟ ପିନ୍ଧିବା ବାଧତାମୂଳକ ଏବଂ ମଦ କିମ୍ବା କୌଣସି ନିଶା ଦ୍ରବ୍ୟ ସେବନ କରି ଗାଡି ନ ଚଳାଇବାକୁ ସଚେତନ କରାଯିବ । ଏଥିସହ ଡ୍ରାଇଭିଂ ଲାଇସେନ୍ସ, ଗାଡି ଅତ୍ୟାବଶ୍ୟକ କାଗଜପତ୍ର, ପଲ୍ୟୁସନ ସାର୍ଟିଫିକେଟ ଉପରେ ଅବଗତ କରାଯିବ । ଏହା ନ ଥିଲେ କେତେ ଜରିମାନା ଆଦାୟ ହେବ ତାହା ମଧ ଜଣାଇ ଦିଆଯିବ । ସେହିପରି ଅତ୍ୟଧିକ ବେଗରେ ଚଳାଉଥିବା ଗାଡି ଚାଳକଙ୍କ ଉପରେ ସ୍ୱତନ୍ତ୍ର ନଜର ରହିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଚୋରି ଘଟଣାରେ ୫ ଗିରଫ

**ଖଲ୍ଲିକୋଟ,୧୮।୧(ଡି.ଏନ.ଏ.)**- ମୋବାଇଲ ସହ ଟଙ୍କା ଚୋରି କରିବା ଅଭିଯୋଗରେ ଖଲ୍ଲିକୋଟ ପୋଲିସ ସୋମବାର ୫ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରମେଶ ବେହେରା ଓରଫ ଡମ୍ଫୁ, ଚନ୍ଦନ ଦାସ, ପ୍ରଶାନ୍ତ ପ୍ରଧାନ ଓରଫ କାଳିଆ, ସତ୍ୟବାନ ବେହେରା ଓରଫ କାବୁନି, ପଞ୍ଚୁ ବେହେରା। ଖଲ୍ଲିକୋଟ ଥାନା ଷ୍ଟେଶନ୍ ରୋଡ୍‌ରେ ଥିବା ଏକ ଦୋକାନ ସଟର ଭାଙ୍ଗି ଅଭିଯୁକ୍ତମାନେ ଗତ ୨୨ ତାରିଖ ରାତିରେ ମୋବାଇଲ ସହ ନଗଦ ଟଙ୍କା ଚୋରି କରିଥିଲେ। ଏ ନେଇ ପୋଲିସ ନଂ. ୫୩୬/୨୦ରେ ମାମଲା ରୁଜୁ କରିବା ସହ ଏକ ଟିମ୍ ଗଠନ କରି ତଦନ୍ତ ଚଳାଇଥିଲା। ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ପୋଲିସ ୪ ଚୋରା ମୋବାଇଲ ଓ ଗୋଟିଏ କାର୍ ଜବତ କରିଛି। ସମସ୍ତ ଅଭିଯୁକ୍ତ ପୁରୀ ଜିଲା ଜଗନ୍ନାଥ ବସ୍ତିରେ ରହୁଥିଲେ ବୋଲି ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି।

### ପାନୀୟ ଜଳ ସମସ୍ୟା ନେଇ ଧାରଣା

**ରାୟଗଡ(ଗଜପତି), ୧୮।୧**-ପାନୀୟ ଜଳ ସମସ୍ୟା ନେଇ ରାୟଗଡ ବ୍ଲକ ଅବାସିଂ ଗ୍ରାମର ତଳସାହିବାସୀ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗ୍ରାମରେ ୨ ହଜାରରୁ ଅଧିକ ଲୋକ ରହୁଛନ୍ତି। ସେମାନଙ୍କ ପାନୀୟ ଜଳ କଷ୍ଟ ଦୂର କରିବାକୁ ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ଏକ ପାଣି ଟାଙ୍କି କରି ଜଳ ଯୋଗାଣ କରିବାର କାର୍ଯ୍ୟ କରାଯାଇଥିଲା। କିନ୍ତୁ ଉକ୍ତ ଗ୍ରାମର ଉପର ସାହି ଲୋକେ ନିଜର ଆବଶ୍ୟକ ଜଳ ନେବା ପରେ ତଳ ସାହିକୁ ପାଣି ଛାଡୁନ ଥିଲେ। ଏ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ସୁଫଳ ନ ମିଳିବାରୁ ସେମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବ୍ଲକ ଅଧକ୍ଷ ଧନେଶ୍ୱର ଭୂୟାଁ ଆସନ୍ତା ଗୁରୁବାର ବ୍ଲକ ପ୍ରଶାସନ ଏବଂ ପୋଲିସ ଉକ୍ତ ଗ୍ରାମକୁ ଯାଇ ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ପିଡିଙ୍କ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

**ଶେରଗଡ଼,୧୮।୧(ଡି.ଏନ୍.ଏ.)**-ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ସୋମବାର ଶେରଗଡସ୍ଥିତ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପିଡି ବିଦ୍ୟାଳୟ ଆଗରେ ଥିବା ମୋ ବଗିଚା ଓ ଶ୍ରେଣୀଗୃହ ବୁଲି ଦେଖିଥିଲେ। ବିଦ୍ୟାଳୟରେ ମୋଟ ୩୫ କୋଠରୀ ଥିବା ବେଳେ ସେଥିମଧ୍ୟରୁ ୬ ବଡ କୋଠରୀରେ ଶ୍ରେଣୀ ପରିଚାଳନା କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଶ୍ରେଣୀଗୃହ ଡିଜିଟାଇଜେଶନ ପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ପ୍ରତି କୋଠରୀରେ ଏଲଇଡି ଟିଭି, ଧଳାବୋର୍ଡ, ସିସିଟିଭି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଡି ଦ୍ୱାଦଶ ଶ୍ରେଣୀରେ ଛାତ୍ରୀଛାତ୍ର ସଂଖ୍ୟା ପଚାରି ବୁଝିଛନ୍ତି। ଆଦର୍ଶ ବିଦ୍ୟାଳୟ ବୁଲି ସାରିବା ପରେ ସେ ଡିଙ୍ଗିଶାଳ ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ। ପିଡିଙ୍କ ଗସ୍ତ ବେଳେ ବିଡିଓ ସୁରଞ୍ଜନ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ବିଦ୍ୟାଳୟ ଅଧକ୍ଷ ଭକ୍ତି ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ, ଚାଟୁଳା ଟିମ୍ ବିଜୟୀ

**ଆସିକା,୧୮।୧(ଡି.ଏନ୍.ଏ.)**- କାହ୍ନୁଚରଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ମୁଣ୍ଡମରାଇ ଗାଲେକ୍ସି ଇଲେଭେନ ଓ ଚାଟୁଳା ବାବା ପାତାଳେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ଏଥିରେ ଚାଟୁଳା ଟିମ୍ ବିଜୟୀ ହୋଇଛି । ଟସ ଜିଣି ମୁଣ୍ଡମରାଇ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା । ଚାଟୁଳା ଟିମ୍ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ହରାଇ ୩୪୧ ରନ କରିଥିଲା। ମୁଣ୍ଡମରାଇ ଟିମ୍ ୮ ଉଇକେଟ ହରାଇ ୨୩୩ ରନ କରି ପରାଜିତ ହୋଇଛି। ଚାଟୁଳା ଟିମର ଉମା ପ୍ରଧାନ ୬୮ ବଲରେ ୧୮ ଚୌକା ଓ ୧୯ ଛକା ମାରି ୨୦୬ ରନ ସଂଗ୍ରହ କରି ନଟ ଆଉଟ ରହିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉମାଙ୍କୁ ଆସିକା ବ୍ଲକ ଅଧକ୍ଷ ହରେକୃଷ୍ଣ ମଲ୍ଲିକଙ୍କ ଉପସ୍ଥିତିରେ ସାମାଜିକ କର୍ମୀ ସତ୍ୟନାରାୟଣ ସ୍ୱାଇଁ ପୁରସ୍କୃତ କରିଥିଲେ। ଆଲୋକ ମୁନି, ବଳରାମ ପଣ୍ଡା, ସାଗର ସ୍ୱାଇଁ ଓ ଆକାଶ ସ୍ୱାଇଁ ଖେଳ ପରିଚାଳନା କରିଥିଲେ ।

## ୨ ଥର ଡିଏଲ୍ ରଦ୍ଦ ହେଲେ ଚଳାଇପାରିବେନି ଗାଡ଼ି


ଛାତ୍ରୀ ଓ ଶିକ୍ଷକମାନେ ଶପଥପାଠ କରୁଛନ୍ତି ।

**ଭଞ୍ଜନଗର,୧୮।୧(ଡି.ଏନ୍.ଏ.)**

କରୋନା ମହାମାରୀ ସମୟରେ ଗାଡ଼ି ଚଳାଚଳ ଉପରେ କଟକଣା ହୋଇଥିଲେ ବି ଭଞ୍ଜନଗର ଉପଖଣ୍ଡରେ ଦୁର୍ଘଟଣା ଜନିତ ମୃତ୍ୟୁହାର ବଢ଼ିଛି। ୨୦୨୦ରେ ଉପଖଣ୍ଡରେ ୭୭ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୬୧ ଜଣଙ୍କ ଜୀବନ ଯାଇଛି। ସେହିପରି ୨୦୧୯ରେ ୭୨ଟି ଦୁର୍ଘଟଣା ଘଟିଥିବା ବେଳେ ୫୩ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ ୯୯ଟି ଦୁର୍ଘଟଣା ଘଟିଥିବା ବେଳେ ୭୨ ଜଣ ମୃତ୍ୟୁବରଣ କରିଥିଲେ। ଚଳିତ ବର୍ଷ ଦୁର୍ଘଟଣା ହାର କିଭଳି କମିବ ସେନେଇ ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଦ୍ରୁତ ଗତି ଏବଂ ନିଶାସକ୍ତ ହୋଇ ଗାଡ଼ି ଚଳାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଦ୍ରୁତଗତିରେ ଗାଡ଼ି ଚାଳନା କରି ଧରାପଡ଼ିଲେ ୨ ହଜାର ଟଙ୍କା ଜରିମାନା ସହ ୩ ମାସ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହେବ। ହେଲମେଟ ନ ପିନ୍ଧିଲେ ୧ ହଜାର ଟଙ୍କା ଜରିମାନା ଏବଂ ୩ ମାସ ଲାଇସେନ୍ସ ରଦ୍ଦ ହେବ। ଜଣେ ବ୍ୟକ୍ତିଙ୍କର ୨ଥର ଲାଇସେନ୍ସ ରଦ୍ଦ ହେଲେ ସେ ଆଉ ଗାଡି ଚଳାଇ ପାରିବେ ନାହିଁ। ସୋମବାର ସଡ଼କ ସୁରକ୍ଷା ମାସ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ କଲେଜ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସର୍ବସାଧାରଣ ପରିବହନରେ ମହିଳା ମାନଙ୍କ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା । ଏଥିରେ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ । ରାଜ୍ୟ ପରିବହନ ବିଭାଗ ଦକ୍ଷିଣାଞ୍ଚଳ ଉପ କମିଶନର ଲାଲମୋହନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ମାସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶୁଳପାଣି ଶତପଥି ଶପଥପାଠ କରାଇଥିଲେ । ଯୁବ ରେଡ଼କ୍ରସ ଜିଲା ସଂଯୋଜକ ଅଧାପକ ବି.ଗୋବିନ୍ଦ ରାଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ରାଜେନ୍ଦ୍ର ଡ଼ାକୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭଡ଼ା ଦୁର୍ନୀତି ପଦାରେ ପଡ଼ିଲା

**ପୁରୁଷୋତ୍ତମପୁର,୧୮।୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ବଡବରଗାଁ ପଞ୍ଚାୟତରେ ଭତ୍ତା ଦୁର୍ନୀତି ପଦାରେ ପଡ଼ିଛି। ଭତ୍ତା ଦୁର୍ନୀତି ନେଇ ଗତ ଡିସେମ୍ବର ୧୬ରେ ସମାଜିକ କର୍ମୀ ଓକିଲ ସ୍ୱରାଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜନସାଧାରଣ ବିଡିଓ ବିଜୟ କୁମାର ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ। ବ୍ଲକ କର୍ମଚାରୀ ପିଏ କିଶୋର କୁମାର ପାଣିଗ୍ରାହୀ ଓ ୱେଲଫେର ଅଫିସର ସୂର୍ଯ୍ୟ ନାରାୟଣ ବେହେରାଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଅଭିଯୋଗର ତଦନ୍ତ ଲାଗି ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଏହି ଟିମ୍ ବଡ ବରଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ସମନ୍ଧୀୟ ଫାଇଲ୍ ଓ ସମସ୍ତ ଗ୍ରାମକୁ ଯାଇ ତଦନ୍ତ କରିବା ସହ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତବ୍ୟକ୍ତିଙ୍କ ତଥ୍ୟ ସଂଗ୍ରହ କରି ବିଡିଓଙ୍କୁ ରିପୋର୍ଟ ଦେଇଥିଲେ। ଅଭିଯୋଗର ସତ୍ୟତା ଥିବା ଜଣାପଡ଼ିଛି। ୨୦୧୭ ସେପ୍ଟେମ୍ବରରୁ ୨୦୧୮ ଅଗଷ୍ଟ ମଧ୍ୟରେ ୩୫ ହିତାଧିକାରୀଙ୍କ ମୃତ୍ୟୁ ଘଟିଥିଲେ ବି ସେମାନଙ୍କ ନାମରେ ଟଙ୍କା ଉଠାଯାଉଛି। ଏଥିସହ କେତେଜଣଙ୍କ ନାଁରେ ଦୁଇଟି ଯୋଜନାରେ ଟଙ୍କା ଉଠାଯାଇଥିବା ଜଣାପଡିଛି। ଏଭଳି କାର୍ଯ୍ୟ କରିଥିବା ସଂପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନୋଟିସ ଜାରି କରାଯିବ । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଜିଲା ପଞ୍ଚାୟତ ଅଧିକାରୀଙ୍କୁ ସୁପାରିଶ କରାଯିବ। ହଡପ ହୋଇଥିବା ପ୍ରାୟ ୮୩ ହଜାର ଟଙ୍କା ରକଭରି କରାଯିବ ବୋଲି ବିଡିଓ ବିଜୟ କୁମାର ବେହେରା କହିଛନ୍ତି।

## ସ୍ମାର୍ଟ କ୍ଲାସ୍‌ରେ ପଢ଼ାଇଲେ ଜିଲାପାଳ


ଜିଲାପାଳ ପାଠ ପଢାଉଛନ୍ତି ।

**ହିଞ୍ଜିଳିକାଟୁ,୧୮।୧(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବୃନ୍ଦାବନ ସରକାରୀ ବିଦ୍ୟାପୀଠରେ ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ମାର୍ଟ କ୍ଲାସ୍ ଉଦ୍‌ଘାଟନ କରିଛନ୍ତି। ସ୍ମାର୍ଟ କ୍ଲାସରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ପାଠ ପଢ଼ାଇଥିଲେ। ବ୍ଲକ ଅଧକ୍ଷ ଏନ. ରଘୁନାଥ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ, ବିଇଓ ବସନ୍ତ କୁମାର ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବୃନ୍ଦାବନ ବିଦ୍ୟାପୀଠକୁ ସେଣ୍ଟର ଅଫ ଏକ୍ସିଲେନ୍ସ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଛି। ଶ୍ରେଣୀଗୁଡ଼ିକୁ ଅପଗ୍ରେଡ଼ କରାଯାଇ ପାଠ୍ୟ ବିଷୟ ସହ ଆଧୁନିକ ଟେକ୍‌ନିକରେ ଛାତ୍ରୀଛାତ୍ରଙ୍କୁ ଡିଜିଟାଲରେ ଶିକ୍ଷାଦାନ ନିମନ୍ତେ ଭିତ୍ତିଭୂମିର ବିକାଶ କରାଯାଇଛି। ସୋମବାର ସ୍ମାର୍ଟ କ୍ଲାସରେ ପରୀକ୍ଷାମୂଳକ ପାଠପଢ଼ାକୁ ଜିଲାପାଳ ଓ ଅନ୍ୟମାନେ ଅନୁଧ୍ୟାନ କରିଥିଲେ। ପୂର୍ବ ଅପେକ୍ଷା ସ୍ମାର୍ଟ କ୍ଲାସ ପାଠପଢ଼ା ଅଧିକ ପ୍ରଭାବୀ ବୋଲି ବହୁ ଛାତ୍ରୀଛାତ୍ର ମତ ରଖିଥିଲେ। ପରେ ମୋ ସ୍କୁଲ ଅଭିଯାନ ଜରିଆରେ ବିଶୁଦ୍ଧ ପାନୀୟ ଜଳ ମେଶିନକୁ ଜିଲାପାଳ ଉଦଘାଟନ କରିଥିଲେ। ଇକୋ କ୍ଲବ ପକ୍ଷରୁ ସ୍କୁଲ ପରିସରରେ କରାଯାଇଥିବା ଜୈବିକ ଉଦ୍ୟାନକୁ ଜିଲାପାଳ ଓ ଅନ୍ୟମାନେ ବୁଲି ଦେଖିଥିଲେ।

## କୃଷକ ଆଇନ ବାତିଲ ଦାବିରେ ରାଲି

**ଖଲ୍ଲିକୋଟ,୧୮।୧(ଡି.ଏନ.ଏ.**



କୃଷକ ସଭା ପକ୍ଷରୁ ଶୋଭାଯାତ୍ରା ।

କୃଷକ ଆଇନ ବାତିଲ ଦାବିରେ ସୋମବାର ଖଲ୍ଲିକୋଟ କୃଷକ ସଂଘ ଆଞ୍ଚଳିକ ସମ୍ପାଦକ ଲକ୍ଷ୍ମୀ ଚରଣ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଏକ ବିକ୍ଷୋଭ ରାଲି କରାଯାଇଥିଲା। ଖଲିକୋଟ ସହରସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ନିକଟରୁ ବାହାରିଥିବା ରାଲି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ କୃଷକ ସଭାର ଜିଲା ସଭାପତି ଶ୍ରୀହର୍ଷ ରଥ, କ୍ଷେତ ମଜଦୁର ରାଜ୍ୟ ଉପ ସାଧାରଣ ସମ୍ପାଦକ ରଘୁନାଥ ଗୌଡ଼, ଆଇନଜୀବୀ ସୀମାଞ୍ଚଳ ବେହେରା, ଶ୍ରମିକ ନେତା ଜୟରାମ ଦାସ, ଦୁର୍ଗା ଚରଣ ପାତ୍ର ପ୍ରମୁଖ ସାମିଲ ଥିଲେ। କେନ୍ଦ୍ରର କୃଷକ ବିରୋଧି ଆଇନ ପ୍ରତ୍ୟାହାର, ଚାଷୀଙ୍କଠାରୁ ଧାନ ନେବା ଆଣିବା ଲୋଡିଂ, ଅନଲୋଡିଂ ଓ ଅଖାର ମଲ୍ୟ ପ୍ରଦାନ କରିବା ଆଦି ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଯୁବନେତା ରବି ସ୍ୱାଇଁ ପ୍ରକାଶ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ଶତାଧିକ କୃଷକ ଓ କୃଷିଜୀବୀ ମହିଳା ଅଂଶଗ୍ରହଣ କରିଥିଲେ। ଏକ ଦାବିପତ୍ର ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରେରଣ କରିଥିଲେ।

## ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ

**ପୋଲସରା,୧୮।୧(ଡି.ଏନ.ଏ.)**

ପୋଲସରା ବ୍ଲକ କଣଛାଇ ପଞ୍ଚାୟତ ହାତୀପାଦପଲ୍ଲୀ ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସୋମବାର ବିଧାୟକ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଘରକୁ ପାଇପ ଜଳ ଯୋଗାଣ ପାଇଁ ନିଷ୍ପତ୍ତି ପ୍ରକାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ଏହି କାର୍ଯ୍ୟକ୍ରମରେ ପୋଲସରା ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଞ୍ଜୁକ୍ତା ବାଡ଼ତ୍ୟା, ସ୍ଥାନୀୟ ସରପଞ୍ଚ ପାଣୁ ନାହାକ, ଗଞ୍ଜାମ ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅଣ୍ଡର ୧୯ କ୍ରିକେଟ ଟୁର୍ନାମେଣ୍ଟ , କୁଶପଡ଼ା ଚାମ୍ପିୟନ

**ଦିଗପହଣ୍ଡି,୧୮।୧(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଭୁଶୁଣ୍ଡା ଗ୍ରାମରେ ଚାଲିଥିବା ଅଣ୍ଡର ୧୯ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କୁଶପଡ଼ା ଗ୍ରାମ କ୍ରିକେଟ ଟିମ ପ୍ରତିପକ୍ଷ ଚୈତନ୍ୟପୁର ଟିମକୁ ୯ ରନ ବ୍ୟବଧାନରେ ପରାଜିତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନ ଉତ୍ସବରେ ପଦ୍ମନାଭପୁର ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ୱାର୍ଡ ସଭ୍ୟ ହୀନ ପ୍ରଧାନ, ଅରୁଣ ପ୍ରଧାନ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌ରେ କୁଶପଡ଼ା ଗ୍ରାମ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୧୪୧ ରନ ହାସଲ କରିଥିବା ବେଳେ ଚୈତନ୍ୟପୁର ଟିମ ୧୩୧ ରନ କରି ପରାଜିତ ହୋଇଥିଲା। ଗ୍ରାମର ଛାତ୍ର ଓ ଯୁବକ ସଂଘ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟକୁ ଗ୍ରାମବାସୀ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ


ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ପାରଳାଖେମୁଣ୍ଡି,୧୮।୧(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ବାସଭବନ ସମ୍ମୁଖରେ ସୋମବାର ୩୨ତମ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ମୁଖ୍ୟଅତିଥି ଭାବେ ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ତପନ କୁମାର ପଟ୍ଟନାୟକ, ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ସବୁଜ ପତକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଡ଼କ ସୁରକ୍ଷା ସଚେତନତା ରଥ ଜିଲାପାଳଙ୍କ ବାସଭବନଠାରୁ ବାହାରି ସହର ପରିକ୍ରମା କରିବା ସହ ରଣୀପେଣ୍ଠସ୍ଥିତ ଜିଲା ପୋଲିସ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଲୋକଙ୍କୁ ସଚେତନ କରିଛି। କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ସମେତ ବହୁ ସଂଖ୍ୟକ ପୋଲିସ ଉପସ୍ଥିତ ଥିଲେ।

## ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ: ମୋହନା ବିଜୟୀ

**ଦିଗପହଣ୍ଡି,୧୮।୧(ଡି.ଏନ.ଏ.)**

ଖେମୁଣ୍ଡି ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟର ୨ୟ ଦିବସ ସୋମବାର ମ୍ୟାଚରେ ମୋହନା ବିଜୟୀ ହୋଇଛି। ଗଜପତି ଜିଲା ମୋହନା ଭଲିବଲ ଟିମ ପ୍ରତିପକ୍ଷ ଅଡବା ଗ୍ରାମ ଭଲିବଲ ଟିମ କୁ ୨– ୦ ସେଟ ବ୍ୟବଧାନରେ ପରାଜିତ କରିଛି। ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ଶିବ ଶଙ୍କର ମହାନ୍ତୁଡଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଉପଦେଷ୍ଟା କୁରେଶୁ ମହାରଣା ଅଧକ୍ଷତା କରିଥିଲେ। ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧକ୍ଷ ଭି. ରବିନାରାୟଣ ରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ ଅଶେଷ ନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ମୋହନା ଟିମ ଅଡବା ଟିମକୁ ୧୦–୦୪ ଏବଂ ୧୫–୦୮ ପଏଣ୍ଟ (୨– ୦) ସେଟ ବ୍ୟବଧାନରେ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଥିଲା।

## ସୌନ୍ଦର୍ଯ୍ୟ ହରାଉଛି ପର୍ଯ୍ୟଟନସ୍ଥଳ

**ଦାରିଙ୍ଗବାଡ଼ି,୧୮।୧(ଡି.ଏନ୍.ଏ.)**


ଡୁଲୁରୀ ପାଇନ ବଣରେ ପଡ଼ିଥିବା ଅଇଁଠା ଖଲିପତ୍ର ।

**ପଲିଥିନ, ଅଇଁଠା ଖଲିପତ୍ର ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ**

ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଇକୋ ରିଟ୍ରୀଟ ଆୟୋଜନ କରାଯିବା ପରେ ଏବେ କେବଳ ରାଜ୍ୟ ନୁହେଁ ବାହାର ଦେଶ ବାହାରୁ ପର୍ଯ୍ୟଟକ ଆସୁଛନ୍ତି। ପର୍ଯ୍ୟଟକମାନେ ବଣଭୋଜି କରିବା ସହ ଏଠାର ବିଭିନ୍ନ ପର୍ଯ୍ୟଟନକେନ୍ଦ୍ର ତଥା ମିଡ଼ିୟୁବାନ୍ଧା ଜଳପ୍ରପାତ, କଫିବଗିଚା, ହିଲଭିୟୁପାର୍କ, ନେଚରପାର୍କ, ସାଇଲେଣ୍ଟ ଭ୍ୟାଲି, ଲଭର୍ସ ପଏଣ୍ଟ, ଏମୁପକ୍ଷୀ ବୁଲି ଭରପୁର ମଜା ଉଠାଉଛନ୍ତି। ହେଲେ ଏବେ ବଡ଼ ସମସ୍ୟା ହୋଇଛି ପଲିଥିନ, ଅଇଁଠା ଖଲି ପତ୍ର ଓ ଖାଲି ମଦ ବୋତଲ। ପର୍ଯ୍ୟଟକ ବଣଭୋଜି କରିବା ପରେ ଏସବୁ ପକାଇ ଯାଉଥିବା ବେଳେ ସଫେଇ କରାଯାଉ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଯାହାଫଳରେ ଅନ୍ୟ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି।

ପର୍ଯ୍ୟଟନ କ୍ଷେତ୍ରକୁ ପରିଷ୍କାର ରଖିବାକୁ ବିଭିନ୍ନ ମହିଳା ଗ୍ରୁପ କାର୍ଯ୍ୟ କରୁଛି। ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଲେ ସଫେଇ କରିବା ମୁସ୍କିଲ ହୋଇପଡୁଥିବା ଜଣାପଡ଼ିଛି। ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲେ ମଧ ଏହାର ବହୁଳ ବ୍ୟବହାର କରାଯାଉଛି। ଏ ନେଇ ଦାରିଙ୍ଗବାଡ଼ି ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ଯୋଗାଯୋଗ କରିବାରେ ସେ କହିଛନ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପର୍ଯ୍ୟଟନକ୍ଷେତ୍ର ସଫେଇ ଦାୟିତ୍ୱରେ ରହିଛନ୍ତି। ସୋମବାର ଡୁଲୁରୀ ପାଇନବଣରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୪ ସଦସ୍ୟା ସଫେଇ କରୁଛନ୍ତି । ବନ ବିଭାଗ ଅଧୀନରେ ଥିବା ଲଭର୍ସ ପଏଣ୍ଟ ସଫେଇ ହେଉନାହିଁ । ତେଣୁ ବନ ବିଭାଗକୁ ଏ ସମ୍ପର୍କରେ ଅବଗତ କରାଯିବ। ହୋଟେଲ ସମ୍ମୁଖରେ ପଡୁଥିବା ଅଳିଆ ଆବର୍ଜନାକୁ ହଟାଇବାକୁ ହୋଟେଲ ମାଲିକଙ୍କୁ କୁହାଯିବ। ନ ଶୁଣିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି ।

